

# ସନ୍ନ୍ୟାସ

-ନୀଳାମ୍ବର ରଥ

ସିଂହ ପରାକ୍ରମୀ ମଣିଷ
ଚିନ୍ତାରେ, କଥାରେ
ଦାମ୍ଭିକପଣରେ
ଆଗଧାଡ଼ିରେ ସବୁବେଳେ ।

ଯୁଦ୍ଧ ପାଇଁ ପ୍ରସ୍ତୁତ
ଦରକାର ପଡ଼ିଲେ
ପ୍ରସ୍ତୁତ ଶରଶଯ୍ୟା ପାଇଁ
ହସି ହସି ଫାଶୀ ଦେଇପାରେ
କାହା ପାଇଁ, କୋଉଠି
ମନ ମାନିଲେ ।

ଦରଦୀପଣରେ ହିମାଳୟ
ସବୁଠି ଠିଆ
ସୁଖରେ, ଦୁଃଖରେ;
ଆଶ୍ୱାସ ଦିଏ
ଉଶ୍ୱାସ ଦିଏ
ଯେତେବେଳେ ଚାହିଁଛି ଯିଏ ।

ତା'ର ପୁଣି ଶତ୍ରୁ,
ପ୍ରତିବାଦୀ!
ବାଡ଼ ଚାରିପାଖେ ଶକୁନି
ସାମ୍ନାରେ ଶ୍ରୀଖଣ୍ଡି ।

ସିଂହ ପରାକ୍ରମୀ ମଣିଷ ମନରେ
ନିରବ ପ୍ରଶ୍ନ:
କାହା ସହିତ ଲଢ଼େଇ
କୋଉ ଅଭିମାନ ପାଇଁ?

ଶକ୍ତିକ୍ଷୟ, ଶାନ୍ତିକ୍ଷୟ
ସମୟକ୍ଷୟ
କାହା ସ୍ୱାର୍ଥ ପାଇଁ?

ଯୁଦ୍ଧର ଜୟ ପରାଜୟ
କାହାର?

ଏବେ ଆତ୍ମମଗ୍ନ ହେବାର ବେଳ
ସୁବର୍ଣ୍ଣ ଅବସର
ମନ ଓ ଚେତନା ଭିତରେ
ଟହଲିବାର ।

ସିଂହ ପରାକ୍ରମୀ ମଣିଷ
ବାଛିନେଲା ଦ୍ୱିତୀୟ ରାସ୍ତା
ପ୍ରଥମ ଥିଲା ଯୁଦ୍ଧ
ଦ୍ୱିତୀୟ ନିରବତା ।

ଆପଣାର ସତ୍ୟ ହେଲା ଅସ୍ତ୍ର
ନିରବତା କବଚ
ସିଂହ ପରାକ୍ରମୀ ମଣିଷ
ଆତ୍ମମଗ୍ନ ହେଲା
ବିବେକ ଗୁମ୍ଫାରେ ପଦ୍ମାସନ ପକେଇ
ଘୋଷଣା କଲା- ସନ୍ନ୍ୟାସ ।

(ଲୋକପ୍ରିୟ ସାହିତ୍ୟ ପତ୍ରିକା 'ସାମ୍ନା'ର ପ୍ରଥମ ସଂଖ୍ୟାରେ ପ୍ରକାଶିତ, ୨୦୧୦)

Email: rath.nilambar@gmail.com, Website: nilambarrath.com